

# ଲେମ୍ବୁର ଦାମ୍ ୩୯ହଜାର

ଆପଣ ବଜାରରୁ ଲେମ୍ବୁ ଜରୁର କିଣିଥିବେ। ତେଣୁ ଗୋଟେ ଲେମ୍ବୁର ଦାମ୍ କେତେ ହୋଇପାରେ ବୋଲି ଅନୁମାନ କରୁଛନ୍ତି ? ଅତିଜୋରରେ ୫ ଟଙ୍କା, ୧୦, ୨୦ ଟଙ୍କା ବା ୫୦ ଟଙ୍କା ଭିତରେ ବୋଲି କହିବେ। କିନ୍ତୁ ଗୋଟେ ଲେମ୍ବୁର ଦାମ୍‌ରେ ୩୯ହଜାର ଟଙ୍କା ଏକଥା କେବେ ବି ବିଶ୍ୱସନୀୟ ନୁହେଁ। ତାମିଲନାଡୁର ଭେଲ୍ଲୁ ପୁରମ୍ ଜିଲ୍ଲାରେ ଏକ ଲେମ୍ବୁ ସଂପ୍ରତି ୩୯ହଜାର ଟଙ୍କାରେ ନିଲାମ ହୋଇଛି। ଏହି ନିଲାମ ପାଙ୍ଗୁନି ଉତ୍ତିରାମ ପର୍ବ ଅନ୍ତର୍ଗତ ହୋଇଛି। ଏହି ରୀତି ନୀତିକୁ ପ୍ରତିବର୍ଷ ପାଳନ କରାଯାଏ। ତିରୁବନ୍ତ ପୁରମ୍‌ର ଶଳାତଣ୍ଡ ଉଡପନୀ ମନ୍ଦିରରେ ୧୧ଦିନିଆ ଉତ୍ସବର ଅନ୍ତିମ ଦିନରେ ଭଗବାନ ମୁରୁଗାନ୍‌ଙ୍କର ଗଳାରେ ଲଟକା ଯାଇଥିବା ଫଳକୁ ନିଲାମ କରାଯାଏ। ଗାଁ ବାଲା କୁହନ୍ତି ଯାହାପାଖରେ ଏହି ଫଳ ଥାଏ, ତାକୁ ସୁଖ ସମୃଦ୍ଧି ମିଳେ ଓ ଯେଉଁ ଦମ୍ପତି ଏହାକୁ ରଖନ୍ତି ତାଙ୍କୁ ସନ୍ତାନ ସୁଖ ବି ମିଳେ।

# ଗଛକୁ ଛୁଇଁଲେ ମୃତ୍ୟୁ




ଆପଣ କେବେ ଏମିତି ବିଷାକ୍ତ ଗଛ ସମ୍ବନ୍ଧରେ ଶୁଣିଛନ୍ତିକି, ଯାହାକୁ ହାତ ଲଗାଇବା କ୍ଷଣି ମୃତ୍ୟୁ ସୁନିଶ୍ଚିତ। ଆମେ ଆପଣଙ୍କୁ ଏମିତି ଏକ ଗଛ ବିଷୟରେ କହିବାକୁ ଯାଉଛୁ, ଯାହାକି ମୃତ୍ୟୁ ବୃକ୍ଷ କହିଲେ ଭୁଲ ହେବନି। ଏହାକୁ ଫ୍ଲୋରିଡ଼ା ଓ କାରାବିୟାନ୍‌ର ତଟବର୍ତ୍ତୀରେ ଦେଖିବାକୁ ମିଳେ ଓ ଏହାର ଗଣ୍ଡିରୁ ବାହାରୁଥିବା ରସ ଏତେ ବିଷାକ୍ତ ଯେ, ଯଦି ଏହା ଆପଣଙ୍କୁ ତ୍ୱଚାକୁ ସ୍ପର୍ଶ କରେ, ତେବେ ଛାଲ ପଡ଼ିଯିବ ବୋଲି ଜାଣ। ଏହି ଗଛର ଫଳ ସେଓ ଭଳି ଦେଖିବାକୁ, କିନ୍ତୁ ଏହାର ଏକ ଟୁକୁଡ଼ା ଖାଇଲେ ମୃତ୍ୟୁ ସୁନିଶ୍ଚିତ। ଏହି ଗଛ ରସ କାହାର ଆଖିରେ ଯଦି ପଡ଼ିଗଲା ଜାଣ ସିଏ ଅନ୍ଧ ହୋଇଯିବ ଓ ଗଛକୁ ଜଳାଇଲେ ସେଥିରୁ ବାହାରୁଥିବା ଧୂଆଁ ଆଖିରେ ପଶିଲେ ଆଖିର ଜ୍ୟୋତି ଚାଲିଯିବ। ଏହି କାରଣରୁ ଏହି ଗଛର ଆଖପାଖରେ ସବୁବେଳେ ସତର୍କ ବୋର୍ଡ଼ ଲାଗିଥାଏ।

# ପାହାଡରେ ଘର ତିଆରି




ଆମେରିକାର ସାନ୍ ଇସିଡ୍ରୋ ଡ଼ି ପରେଜ୍ ଜେନେକ୍‌ରେ ରହୁଥିବା ଜଣେ ଲୋକ ୧୨ ବର୍ଷ କାଳ ପରିଶ୍ରମ କରି ପାହାଡ଼ ଭିତରେ ଏକ ଗୁମ୍ଫା ଭଳି ଘର ବନାଇଛନ୍ତି। ଏହି ଘରେ ତିନୋଟି ବେଡ୍‌ରୁମ୍, ଗୋଟିଏ ଡାଇନିଂ ରୁମ୍ ଓ ଆଲିଶାନ୍ ଗୃହରେ ମିଳୁଥିବା ସବୁ ପ୍ରକାରର ସୁଖ ସୁବିଧାବି ରହିଛି। ମାନୁଆଲ ବ୍ୟାରେଟ୍‌ସ୍ ନାମକ ଏହି ବ୍ୟକ୍ତିର ପରିବାର ୨୦୦୦ସ୍କୋୟାର ଫୁଟରେ ନିର୍ମିତ ଏହି ଘରେ ରହୁଛନ୍ତି। ଏହି ଘରକୁ ଜ୍ୱାଳାମୁଖୀ ଚଟାଣକୁ କାଟି କରାଯାଇଛି। ଏହି ଘରର ନାମ ଟୋପୋଲାର୍ଡିଆ ବୋଲି ରଖାଯାଇଛି। ଏହି ଘରେ ଏକ ମେଡ଼ିଟେସନ୍ ରୁମ୍ ବି ରାହିଛି। ଏହି ଘରର ଛବିକୁ ଏକ ଫଟୋଗ୍ରାଫର ଉଠାଇଛନ୍ତି। ମାନୁଆଲଙ୍କର ଏହି ଘରେ ସ୍ନେଲଟନ୍ ଓ ରଙ୍ଗବେରଙ୍ଗର କାର୍ଟୁନ କରାଯାଇଛି। ଏହା ସହିତ ଏକ ବଡ଼ ଡାଇନିଂ ରୁମ୍ ରହିଛି, ଯେଉଁଠିକି ଏକ ବଡ଼ ପରିବାର ବସିପାରିବେ। ଏହି ଘରକୁ ଏତେ ଅତିଥିଙ୍କ ପାଇଁ ଖୋଲାଯାଇଛି, ଯାହାଦ୍ୱାରାକି ସେମାନେ ଜାଣିପାରିବେ ଫାଉଡା ସହାୟତାରେ କିଭଳି ଭାବେ ଏତେ ଆକର୍ଷଣୀୟ ଗୃହ ବନାଯାଇପାରିବ।




# ଚଢେଇଙ୍କୁ ମେଲେରିଆ

ମେଲେରିଆରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକଙ୍କର ମୃତ୍ୟୁ ହୋଇଥାଏ, ଯାହାକି ମଶା କାମୁଡ଼ାରୁ ବ୍ୟାପିଥାଏ। କିନ୍ତୁ ଜାଣନ୍ତିକି ପ୍ରଥମେ ମେଲେରିଆ ବ୍ୟାପିଥିଲା କାହାଠାରୁ ? ପକ୍ଷୀଙ୍କ ଠାରୁ। ଏକଥା ଆମେ କହୁନୁ ସଂପ୍ରତି ଏକ ନୂତନ ଗବେଷଣାରୁ ଏକଥା ଜଣାଯାଇଛି। ମେଲେରିଆରେ ପ୍ରତି ବର୍ଷ ୫୦ ଲକ୍ଷ ଲୋକ ପ୍ରଭାବିତ ହୋଇଥାନ୍ତି। ଏହି ବେମାରୀ କେବଳ ମଣିଷକୁ ହୁଏନି, ପରନ୍ତୁ ଚେମିଣି, ପକ୍ଷୀ ଓ ଅନ୍ୟ ଜୀବଜନ୍ତୁଙ୍କୁ ମଧ୍ୟ ହୋଇଥାଏ। ତେବେ ପକ୍ଷୀ ଓ ପଶୁଙ୍କ ଠାରୁ ଏହି ବେମାରୀ ମଣିଷକୁ ହୋଇନଥାଏ। ନ୍ୟୁୟର୍କ କର୍ନେଲ ବିଶ୍ୱବିଦ୍ୟାଳୟର ଗବେଷକ ହୋଲି ଲୁଟ୍‌ସ୍‌ଙ୍କ ମତରେ ମଣିଷକୁ କେମିତି ମେଲେରିଆ ହେଲା ଆମେ ସେକଥା ସେପର୍ଯ୍ୟନ୍ତ ଜାଣିପାରିବା ନାହିଁ ଯେପର୍ଯ୍ୟନ୍ତ ଆମେ ଏକଥା ନଜାଣିବାଯେ ମେଲେରିଆ କେମିତି ହେଲା ବୋଲି। ଆମେ ଯଦି ଏହାର ଅତୀତକୁ ନିରୀକ୍ଷଣ କରିବା ତେବେ ଆମେ ମଣିଷ ଉପରେ ପଡୁଥିବା ଏହାର ପ୍ରଭାବକୁ ବି ଭଲ ଭାବେ ବୁଝି ନେବା। ଏହି ପ୍ରଭାବ ମୋଲେକ୍ୟୁଲସ୍ ଫାଇଲୋ ଜେନେଟିକ୍ସ ଆଣ୍ଡ ଇଭୋଲ୍ୟୁସନରେ ପ୍ରକାଶିତ ହୋଇଛି। ଗବେଷଣା କାଳରେ ଗବେଷକମାନେ ପୂର୍ବ ଆଫ୍ରିକାର ହଜାର ହଜାର ପକ୍ଷୀ, ଚେମିଣି ଓ ଛୋଟ ପଶୁଙ୍କର ରକ୍ତରେ ମେଲେରିଆର ପରଜୀବୀ ଉପରେ ଅଧ୍ୟୟନ କରିଥିଲେ। ଏହି ଅଧ୍ୟୟନରୁ ଜଣାପଡ଼ିଥିଲାଯେ ମେଲେରିଆ ରୋଗର ଉତ୍ପତ୍ତି ଚଢେଇଙ୍କ ଠାରୁ ହୋଇଥିଲା। ଚଢେଇ ଠାରୁ ଏହାଚେମିଣିକୁ ହେବାପରେ ଅନ୍ୟ ପଶୁଙ୍କୁ ହୋଇଥିଲା।

# ଗ୍ରୀଷ୍ମକାଳୀନ ଅଭ୍ୟାସ

ଖରାଦିନେ ୱାର୍କଆଉଟ୍ କରିବା ଖୁବ୍ କଷ୍ଟକର। ଏହି ସମୟରେ ୱାର୍କଆଉଟ୍ କରିବାର ପ୍ରକୃତ ସମୟ ହେଉଛି ସକାଳ। ସକାଳ ୧୦ ରୁ ଅପରାହ୍ନ ୩ ପର୍ଯ୍ୟନ୍ତ କୌଣସି ପ୍ରକାର ଏକ୍ସରସାଇଜ୍ କରିବା ଅନୁଚିତ୍। କାରଣ ଏହି ସମୟରେ ଅଧିକ ଖରା ହୋଇଥାଏ। ତେଣୁ ସକାଳ ୮ଟା ପୂର୍ବରୁ ୱାର୍କଆଉଟ୍ ସାରିଦିଅନ୍ତୁ। ନିଜକୁ ଡିହାଇଡ୍ରେଟ୍ ରଖିବା ପାଇଁ ୱାର୍କଆଉଟ୍ କରିବା ପୂର୍ବରୁ ଚିନିଲୁଣ ମିଶାଯାଇଥିବା ପାଣି ପିଅନ୍ତୁ। ତାଛଡା ଦିନରେ ଅଳ୍ପ ଅଳ୍ପ କରି ଅଧିକ ଥର ପିଅନ୍ତୁ। ୱାର୍କଆଉଟ୍ କରିବା ବେଳେ ଢିଲା କପଡା ପିନ୍ଧନ୍ତୁ। ବିଶେଷଜ୍ଞଙ୍କ ମନରେ ଏଭଳି ପୋଷାକା ପିନ୍ଧିବା ଫଳରେ ଝାଳ ବାଷ୍ପୀକରଣ ହୋଇ ଶରୀର ଥଣ୍ଡା ଲାଗିଥାଏ। ଯେତିକି ପାରୁଛନ୍ତି ସେତିକି ସମୟ ପର୍ଯ୍ୟନ୍ତ ୱାର୍କଆଉଟ୍ କରନ୍ତୁ। ତାଛଡା ସବୁଠାରୁ ବଡ କଥା ହେଉଛି ୱାର୍କଆଉଟ୍ ପାଇଁ ବାହାରକୁ ଯିବାର ଅଧଘଣ୍ଟାଏ ପୂର୍ବରୁ ସନସ୍କ୍ରିନ୍ ଲୋଶନ୍ ଲଗାଇ ଦିଅନ୍ତୁ। ଫଳରେ ସନବର୍ଣ୍ଣ ହେବାର ସମସ୍ୟା ରହିବନି।

# ମଣିଷ ଉଚ୍ଚାର ମୂଷା

ଘରେ ବା ଗୋଦାମରେ ମୂଷା ଦେଖାଯିବାଟା ଏକ ସାଧାରଣ କଥା। କିନ୍ତୁ ଆପଣ ଆଜି ପର୍ଯ୍ୟନ୍ତ କେତେବଡ଼ ମୂଷା ଦେଖିଛନ୍ତି କୁହନ୍ତୁତ। ମାତ୍ର କେତେ ଇଞ୍ଚର ବା ଅତି ଜୋର୍‌ରେ ପାହାଡ଼ି ମୂଷା ଏକ ଫୁଟର ଭଳି। କିନ୍ତୁ ଇଷ୍ଟ ଲଣ୍ଡନରେ ସଂପ୍ରତି ଗ୍ୟାସ୍ ୱର୍କର ଜେମ୍ସ ଗ୍ରୀନ୍ ପ୍ରାୟ ୪ଫୁଟର ଏକ ମୂଷା ସନ୍ଧାନ କରିଛନ୍ତି। ଏହି ମୂଷାଟି ଛୋଟ ମୂଷାଙ୍କ ପାଇଁ ରଖାଯାଇଥିବା ବିଷକୁ ଖାଇବା ପରେ ମରିଯାଇଥିଲା। ଗ୍ରୀନ୍ ଏହି ମୂଷାକୁ ଫୋପାଡ଼ିବା ପୂର୍ବରୁ ଏହାର ଫଟୋ ଉଠାଇ ସୋସିଆଲ ସାଇଟ୍ କୁ ଛାଡ଼ିଥିଲେ। ତେବେ ଜୀବନରେ ଏତେ ବଡ଼ ମୂଷାକୁ କେବେ ଗ୍ରୀନ୍ ବା ଆମେ କେହି ଦେଖିନଥିଲୁ। ଗବେଷକମାନେ ଏହାକୁ ପରୀକ୍ଷା କରି କହିଛନ୍ତିଯେ ଏହା ଗ୍ୟାମ୍ବିଆନ୍ ପାଉଚ୍‌ଡ୍ ର୍ୟାଟ୍ ହୋଇପାରେ। ଏହାକୁ ପୋଷା ମନାଯାଏ। ଏହି ମୂଷାର ଲମ୍ବା ୪ଫୁଟ ପର୍ଯ୍ୟନ୍ତ ହୋଇଥାଏ, ଦୃଷ୍ଟିଶକ୍ତି ଦୁର୍ବଳ ଓ ଘ୍ରାଣଶକ୍ତି ବହୁତ। ଏହା ଫ୍ରାଇଡ୍ ଚିକେନ୍ ଓ ଭାତ ଖାଇବାକୁ ପସନ୍ଦ କରେ।



# ବତକଧରା ଉତ୍ସବ



ଚୀନ୍‌ର ରୁଇଝୋଓ ପ୍ରାନ୍ତର କିଆଙ୍ଗହୋଙ୍ଗନାନ୍‌ରେ ଏକ ପାରମ୍ପରିକ ଉତ୍ସବ କାଳରେ ଲୋକମାନେ ବତକ ଧରିବାରେ ଲାଗି ପଡ଼ିଛନ୍ତି।

# ଉଡାଜାହାଜର ମଳ ମୂତ୍ର ଯାଏ କୁଆଡେ ?

ଆପଣଙ୍କ ମନରେ ଅନେକ ସମମୟରେ ପ୍ରଶ୍ନ ଉଠୁଥିବ ଆମେ ଟ୍ରେନ୍‌ରେ ଟଏଲେଟ୍ କଲେ ତାହା ଟ୍ରାକ୍ ଉପରେ ଜମା ହୋଇରହେ, କିନ୍ତୁ ଉଡାଜାହାଜରେ ମଳ ମୂତ୍ର ତ୍ୟାଗ କଲେ ତାହା କୁଆଡ଼େ ଯାଏ ? ଆମେ ଆପଣଙ୍କର ଏହି ଛୋଟିଆ ପ୍ରଶ୍ନର ସମାଧାନ କରିଦେଉଛୁ। ଉହାଜାହାଜର ମଳ ମୂତ୍ର ସିଧା ଆସି ତଳେ ପଡ଼ିନଥାଏ। ଏଥିରେ ମଳ ମୂତ୍ର ତ୍ୟାଗ ପାଇଁ ୨୦୦ ଗ୍ୟାଲୋନ୍ ର ଏକ ଟ୍ୟାଙ୍କ ରହିଛି। ଏହି ଟ୍ୟାଙ୍କରେ ସବୁ ମଳ ମୂତ୍ର ଜମା ହୋଇ ରହେ। ଗତ ୩୦ ବର୍ଷ ହେଲାଣି ଉଡାଜାହାଜରେ ଭ୍ୟାକ୍ୟୁମ୍ ଟଏଲେଟ ଲଗାଯାଇଛି, ଯାହାକି ମଳ ମୂତ୍ରରୁ ପାଣିକୁ ଛାଣି ଅଲଗା କରେ ଓ ମଳ ଛେଦାକୁ ଅଲଗା କରି ରଖେ। ଏହି ମଳଛେଦା ଜାହାଜର ତଳେ ଲାଗିଥିବା ୨୦୦ ଲିଟର ଟ୍ୟାଙ୍କରେ ଜମା ରୁହେ। ଏହି ୨୦୦ ଲିଟରର ଟ୍ୟାଙ୍କକୁ ପ୍ରତି ଉଡାଣ ପରେ ଏୟାରପୋର୍ଟରେ ଖୋଲାଯାଇ ଖାଲି କରାଯାଏ। ଏବେ ଆପଣ ଭାବୁଥିବେ ଏହି ଟ୍ୟାଙ୍କକୁ କେମିତି ଖୋଲାଯାଏ, ଏହି ଟ୍ୟାଙ୍କ ବାହାର ପଟକୁ ଖୋଲିଥାଏ। ଏହି କାମକୁ ଷ୍ଟେସନରେ ଥିବା କର୍ମଚାରୀ ମାନେ କରିଥାନ୍ତି।



# ନଡ଼ା କଳାକୃତି



ପୂର୍ବ ଚୀନ୍ ର ଜିଆଙ୍ଗସୁପ୍ରାନ୍ତର ନାନଜିଙ୍ଗ ଠାରେ ଏକ ପର୍ଯ୍ୟଟନ ଉତ୍ସବ କାଳରେ ପର୍ଯ୍ୟଟଙ୍କ ଆକର୍ଷଣ ପାଇଁ କରାଯାଇଛି ନଡ଼ାରେ ତିଆରି ଗେଣ୍ଡା ଓ ଝିଣ୍ଟିକା।

## ଜ୍ଞାନାମୃତ

# ଅହଂ

ଗୋଟିଏ ଜାଗାରେ କାମ ଚାଲିଥାଏ। ମୂଲିଆମାନେ ଏକ ଖମ୍ବକୁ ଉଠାଉଥାନ୍ତି। ଏହା ବହୁତ ଓଜନଯୁକ୍ତ ଥିବାରୁ ବାରମ୍ବାର ପ୍ରୟାସ କଲାପରେବି ଏହାକୁ ଉଠାଇ ହେଉନଥାଏ। ଠିକାଦାର ନିକଟରେ ଠିଆ ହୋଇଥାନ୍ତି ନେପୋଲିୟନ୍ ସେଠାରୁ ବାହାରିଲେ ଓ ଦେଖିଲେ। ତାଙ୍କୁ ବହୁତ ଅଜବ ଲାଗିଲା। ସେ ପାଖକୁ ଯାଇ କହିଲେ ତୁମେ ଏଠି ଠିଆ ହୋଇଛ , ବିଚରା ଶ୍ରମିକ ମାନେ ଏତେ ପରିଶ୍ରମ କରି ଝାଳ ନାଳ ଆଣ୍ଠିଏ ହେଲେଣି। ଖମ୍ବକୁ ଯଦି ଉଠାଯାଇପାରୁନି ତାକୁ କିଛି ସାହାରା ଦିଅ, ଦେଖିବ ଏହା ଆପଣାଛାଏଁ ଉଠିଯିବ। ଠିକାଦାର କହିଲା, ତୁମେ କିଏ ମୋତେ ଏତେ ପରାମର୍ଶ ଦେବାକୁ। ଜାଣନା ମୁଁ କିଏ ? ମୁଁ ଜଣେ ଠିକାଦାର। ତେଣୁ ଏହି ମୂଲିଆ ମାନଙ୍କ ସହିତ କ'ଣ ମୂଲିଆ ହୋଇଯିବି। ନେପୋଲିୟନ ଏହାଶୁଣି ନିଜେ ମୂଲିଆଙ୍କୁ ସହାୟତା କଲେ ଓ ଖମ୍ବ ଉଠାଇଲେ। ଠିକାଦାର କହିଲେ- ଆରେ ତୁ କିଏବା ? ନେପୋଲିୟନ୍ କହିଲେ ମୁଁ ନେପୋଲିୟନ୍। ଏହାଶୁଣି ଠିକାଦାର ଲାଜରେ ସଢିଗଲେ। ନେପୋଲିୟନ୍ ଯାଉ ଯାଉ ଠିକାଦାରଙ୍କ ଉଦ୍ଦେଶ୍ୟରେ କହିଲେ , ଦେଖ, ଏଇଟା ମୋର ଠିକଣା। ଯଦି କାମ ପଡ଼େ ତାହାଲେ ଜରୁର ମୋତେ ଡାକିବ। ଏଥିରୁ ଅନୁମିତ ହୁଏଯେ ଆପଣ ହଜାର ବାର ଉପଦେଶ ଦିଅନ୍ତୁ ପଛେ, ପ୍ରେରଣା ଜାଗି ପାରେନା, କିନ୍ତୁ ଆପଣଙ୍କର ଏକ ଘଟଣା ମନ ଭିତରେ ପ୍ରେରଣା ଭରିଦିଏ। ଯେତେବି ମହାନ୍ ପୁରୁଷ ତାଙ୍କର ଜୀବନ କାହାଣୀ ପଢିଲେ ଜଣାଯାଏଯେ ସେମାନେ ଆଦର୍ଶର କାହାଣୀ କେବଳ କଥାରେ କୁହନ୍ତିନି, ପରନ୍ତୁ ଏହାକୁ କରି ଦେଖାଇଥାନ୍ତି। ଉପଦେଶ ହେଉଛି ସେହି ମୂଲ୍ୟବାନ ଓ ସଫଳ କାହାଣୀ ଅଟେ, ଯାହାକୁ ପୂର୍ବରୁ ନିଆଯାଉଥିଲା। ଆଜିର ସମୟରେ ସବୁଠୁ ବଡ଼ ସମସ୍ୟା ହେଲା ବ୍ୟକ୍ତିର ଅହଂ ଗୁଣ। ଜୀବନ ସଫଳତାର ବହୁତ ବଡ଼ ସୂତ୍ର ରହିଛି। ତେଣୁ ଅହଂ ରୂପକ କାନ୍ଥକୁ ଭାଙ୍ଗିଦେବା ଉଚିତ। ନଚେତ୍ ଦୂରରେ ଥାଇବି ଆମେ ଏହାକୁ ପାଖରୁ ପାଇଥାଉ। ମନରୁ ଅହଂଭାବ ଦୂରେଇ ଗଲେ ଦୂରରେ ରହୁଥିବା ଲୋକ ପାଖେଇ ଆସେ। ଯେଉଁମାନେ ମନ ଭିତରୁ ଅହଂକାର ତୋଡ଼ନ୍ତି, ତାଙ୍କ ଭିତରେ ବିନୟ ଓ ଦୟାଭାବ ଆସିଯାଏ। ତାଙ୍କର ସଦ୍‌ଗତି ହୁଏ। ଏଥିପାଇଁ ଦରକାର ହେଉଛି ନିଜର କେବଳ ଦୃଷ୍ଟିକୋଣକୁ ବଦଳାଇବା, ଯାହାଦ୍ୱାରାକି ଯାହାବି ଚାହିଁବ ତାହା ମିଳିଯିବ।

# ନିଖୋଜ କରଦାତା

ଟିକସ ସଂଗ୍ରହ ଦେଶର ବଜେଟ୍ ପ୍ରକ୍ରିୟାର ଏକ ବଡ଼ ଅଂଶ। ଫେବୃଆରୀ ୧, ୨୦୧୭ ତାରିଖରେ ସଂସଦରେ ପେସ୍ କରାହୋଇଥିବା ବଜେଟ୍‌ରେ ଟିକସ ଆଦାୟ ବିଷୟରେ ବିଶେଷ ଉଲ୍ଲେଖ ଅଛି। ଏ ପ୍ରବନ୍ଧରେ ଏ ବିଷୟରେ ଅଳ୍ପ ଆଲୋଚନା କରିବା। ଟିକସ ମୋଟାମୋଟି ଦୁଇ ପ୍ରକାରର- ପ୍ରତ୍ୟକ୍ଷ କର ଏବଂ ଅପ୍ରତ୍ୟକ୍ଷ (ପରୋକ୍ଷ)କର। ଅପ୍ରତ୍ୟକ୍ଷ କର ବାଧ୍ୟତାମୂଳକ ଏବଂ ଆୟ ସୀମା ନିର୍ବିଶେଷରେ ସମସ୍ତଙ୍କୁ ସମାନ ଟିକସ ଦେବାକୁ ପଡ଼େ। ବିକ୍ରିକର ଏକ ଉଦାହରଣ। ସମସ୍ତେ ଏକା ମୂଲ୍ୟରେ ଦ୍ରବ୍ୟ କିଣନ୍ତି ଏବଂ ଏକା ଟିକସ ପଇଠ କରନ୍ତି। କାରଣ ଦ୍ରବ୍ୟର ମୂଲ୍ୟରେ ବିକ୍ରିକର ମିଶିଥାଏ। ଯଦିଓ ବ୍ୟବସାୟୀମାନେ ପ୍ରଥମେ ବିକ୍ରିକର ଜମା କରନ୍ତି, ଶେଷକୁ କ୍ରେତାମାନେ ଟିକସ ଭାର ବହନ କରନ୍ତି। ସବୁ ପ୍ରକାର ପରୋକ୍ଷ କର, ଯଥା- ବିକ୍ରିକର (ରାଜ୍ୟସରକାର), କେନ୍ଦ୍ରୀୟ ଶୁଳ୍କ (କେନ୍ଦ୍ର ସରକାର) ଇତ୍ୟାଦିକୁ ମିଶାଇ ଜିଏସ୍‌ଟି (ଗୁଡ୍ସ ଆଣ୍ଡ ସର୍ଭିସେସ୍ ଟାକ୍ସ) ଲାଗୁ ହେବାର ପ୍ରକ୍ରିୟା ଚାଲିଛି। ଏ ପ୍ରବନ୍ଧରେ ଆମେ ପ୍ରତ୍ୟକ୍ଷ କର ଉପରେ ନଜର ପକାଇବା। ବଜେଟ୍ ପେସ୍ ହେବା ସମୟରେ ପ୍ରତ୍ୟକ୍ଷକରଜନିତ ଖବର ସବୁଠୁ ବେଶୀ କୌତୂହଳ ସୃଷ୍ଟି କରେ। ପ୍ରତ୍ୟକ୍ଷ କର ସମାଜର ବିଭିନ୍ନ ବର୍ଗଙ୍କୁ, ବିଶେଷତଃ ଚାକିରିଜୀବୀ ଏବଂ ବ୍ୟବସାୟୀମାନଙ୍କୁ ସିଧାସଳଖ ପ୍ରଭାବିତ କରେ। କେନ୍ଦ୍ର ଅର୍ଥମନ୍ତ୍ରୀ ତାଙ୍କ ବଜେଟ ଭାଷଣର ପରିଚ୍ଛେଦ ୧୪୦ ଓ ୧୪୧ରେ ପ୍ରତ୍ୟକ୍ଷ କର ବିଷୟରେ କିଛି ବିଶେଷ ପରିସଂଖ୍ୟାନ ଉପସ୍ଥାପନ କରିଛନ୍ତି ଏବଂ କିଛି ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ପ୍ରଦାନ କରିଛନ୍ତି। ସେ ସବୁରୁ କିଛି ହେଲା: ଭାରତରେ ସଂଗଠିତ କ୍ଷେତ୍ରରେ ୪.୨ କୋଟି ବ୍ୟକ୍ତି ଚାକିରିରତ ଅଛନ୍ତି; କେବଳ ୧.୭୪ କୋଟି ବ୍ୟକ୍ତି ଦରମାଭିତ୍ତିକ ଆୟକର ରିଟର୍ଣ୍ଣ ଦାଖଲ କରନ୍ତି। ଦେଶରେ ୫.୬କୋଟି ବ୍ୟକ୍ତିସ୍ତରୀୟ (ଇଣ୍ଡିଭିଜୁଆଲ୍) ଏବଂ ଯୁଗ୍ମ (ପାର୍ଟନରସିପ୍) ଆକାରରେ କ୍ଷୁଦ୍ର, ବ୍ୟବସାୟୀ ଅଣଆନୁଷ୍ଠାନିକ କ୍ଷେତ୍ରରେ ଅଛନ୍ତି। ଏମାନଙ୍କ ଭିତରୁ କେବଳ ୧.୮୧ କୋଟି ଆୟକର ରିଟର୍ଣ୍ଣ ଦାଖଲ କରନ୍ତି। ମାର୍ଚ୍ଚ ୩୧,୨୦୧୪ ପର୍ଯ୍ୟନ୍ତ ୧୩.୯୪ ଲକ୍ଷ କମ୍ପାନୀ ପଞ୍ଜିକୃତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୫.୯୭ ଲକ୍ଷ କମ୍ପାନୀ ନିର୍ଦ୍ଧାରଣ ବର୍ଷ ୨୦୧୬-୧୭ ପାଇଁ ଆୟକର ରିଟର୍ଣ୍ଣ ଦାଖଲ କରିଥିଲେ। ଏହି ୫.୯୭ ଲକ୍ଷ କମ୍ପାନୀ ମଧ୍ୟରୁ ୨.୭୬ ଲକ୍ଷ କମ୍ପାନୀ ଶୁନ୍ ଆୟ କିମ୍ବା କ୍ଷତି ଦେଖାଇଥିଲେ। ୨.୮୫ ଲକ୍ଷ କମ୍ପାନୀ ଏକକୋଟି ଟଙ୍କାରୁ କମ୍, ୨୮,୬୬୭ଟି କମ୍ପାନୀ ଏକରୁ ଦଶ କୋଟିଟଙ୍କା ଭିତରେ ଏବଂ କେବଳ ୭,୭୮୧ଟି କମ୍ପାନୀ ଦଶକୋଟି ଟଙ୍କାରୁ ଅଧିକ ଟିକସ ପୂର୍ବର ଆୟ ଦେଖାଇଥିଲେ। ବ୍ୟକ୍ତି ସ୍ତରରେ ନିର୍ଦ୍ଧାରଣ ବର୍ଷ ୧୫-୧୬ରେ ୩.୭ କୋଟି ବ୍ୟକ୍ତି ଆୟକର ରିଟର୍ଣ୍ଣ ଦାଖଲ କରିଥିଲେ।